## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୪ ଆହତ

ପାପଡ଼ାହାଣ୍ଡି,୩୦।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ପ୍ରଧାନୀଗୁଡ଼ା ଏସାର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନା ମୁତାବକ ଚନ୍ଦ୍ରପୁର ଦିଶାରୀଗୁଡାରୁ ଚିତ୍ତ ମାଝି, ମୁରି ମାଝି ଓ କମଳା ଭତରା ଏକ ବାଇକ (ଓଡ଼ି-୨୪ ୩୪୩୩) ରେ ଚିକିଲି ଯାଉଥିବା ସମୟରେ ପଛ ପଟୁ ଧନସୁଲିରୁ ଅଣ୍ଡାସର ଯାଉଥିବା ଗୋବିନ୍ଦ ହରିଜନ ଓ ତାନ୍‌ଭି ହରିଜନଙ୍କ ବାଇକ (ଓଡି-୧୦ଟି-୦୮୦୦) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ମୁରିଙ୍କ ମୁଣ୍ଡ ଫାଟିଥିବା ବେଳେ କମଳା, ଗୋବିନ୍ଦ ଓ ତାନ୍‌ଭି ମଧ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର, ୩୦।୧୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ୧୨ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ସରୋଜ କୁମାର ବିନ୍ଧାଣିଙ୍କ ସହ ବହୁ ପୂର୍ବରୁ ଅବସର ଗ୍ରହଣ କରିଥିବା ହରିଶ୍ଚନ୍ଦ୍ର ପଣ୍ଡା, ଡାକ୍ତର ରାମକୃଷ୍ଣ ଧଳ, ତିଳୋତ୍ତମା ସାହୁ, ବିପିନ ବିହାରୀ ରଥ,ଦେବସ୍ମିନୀ ଚୌଧୁରୀ, ସୁନାପୁରୀ ମାଝି, ଶଶିକାନ୍ତ ସାମନ୍ତରାୟ, ବିଭୀଷଣ ହରିଜନ, ସ୍ୱରାଜ କୁମାର ଦେ, ଶକୁନ୍ତଳା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦାୟୀ କର୍ମଚାରୀମାନେ ସେମାନଙ୍କ ଅନୁଭୂତି ଉପରେ କହିଥିବାବେଳେ ସେମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜଙ୍ଗଲ ସୁରକ୍ଷା, ହାତୀପଲ ଘଉଡାଇବା ନେଇ ଆଲୋଚନା

ରାଇଘର, ୩୦।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ବନ ବିଭାଗ ପକ୍ଷରୁ କୁନ୍ଦେଇରେ ସଚେତନତା କର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ଗତ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି ସୀମାନ୍ତ କୁନ୍ଦେଇ ଅଞ୍ଚଳରେ ଛତିଶଗଡ଼ରୁ ହାତୀ ପଲ ଆସି ଫସଲ ନଷ୍ଟ କରିବା ସହ କିଛି ଦିନ ତଳେ ସିଉନପାଲି ଗ୍ରାମର ଜଣେ ବୃଦ୍ଧଙ୍କୁ ଦଳି ଦେଇଥିଲେ। ସେଠାରେ ଏବେ ଭୟର ବାତାବରଣ ଥିବାରୁ ଏହାକୁ ନଜରରେ ରଖି ବନ ବିଭାଗ ଏହି ସଚେତନତା କାର୍ଯ୍ୟକ୍ରମ କରିଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର, ଉମରକୋଟ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୁଶାନ୍ତ କୁମାର ସେନାପତି, ରାଇଘର ବନଖଣ୍ଡ ଅଧିକାରୀ ତନୁଜା କାର୍ତ୍ତିକ, କୁନ୍ଦେଇ ଫରେଷ୍ଟର ପ୍ରଫୁଲ୍ଲ ମାଝି, ରାଇଘର ଫରେଷ୍ଟର ରାମଚନ୍ଦ୍ର ଜାନି, କୁନ୍ଦେଇ ଏଏସ୍‌ଆଇ ଏନ୍.ଦେବେନ୍ଦ୍ର ରାଓ, ଜିଲା ପରିଷଦ ଜୋନ୍-୧ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଏମ୍‌ପିଙ୍କ ପ୍ରତିନିଧି ଶୁକଦେବ ଗଣ୍ଡ, ହାଟଭରଣ୍ଡି ସରପଞ୍ଚ କୁନ୍ତୀ ଗଣ୍ଡ , କୁନ୍ଦେଇ ସରପଞ୍ଚ ସୁନିତା ଗଣ୍ଡ, ସମିତି ସଭ୍ୟଙ୍କ ସହ କ୍ଷତିଗ୍ରସ୍ତ ଗ୍ରାମ ଯଥା ହାଟ ଭରାଣ୍ଡି, କୁନ୍ଦେଇ, ଖିଲୋଲି, ମାରୀଙ୍ଗା, ସମ୍ବଲପୁର ଗ୍ରାମବାସୀ ଉପସ୍ଥିତ ଥିଲେ। ଜଙ୍ଗଲକୁ ନ କାଟି ସୁରକ୍ଷା ଦେବା ଏବଂ ହାତୀପଲକୁ ଘଉଡ଼ାଇବା ଉପରେ ଆଲୋଚନା ହୋଇଥିଲା।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

■ ଏକାଠି ହୋଇ ନାରାବାଜି, ଦାବିପତ୍ର ଦେଲେ ଅଞ୍ଚଳବାସୀ
■ ସ୍କୁଲ କାଶୀପୁରରେ ନ ରହିଲେ ଆନ୍ଦୋଳନ ଚେତାବନୀ

ଟିକିରି, ୩୦।୧୨(ଡି.ଏନ୍.ଏ.)

ଅନେକ ଦିନର ଦାବି ପରେ ରାୟଗଡ଼ା ଜିଲା କାଶୀପୁରରେ ଖୋଲାଯାଇଥିବା ଏକଲବ୍ୟ ବିଦ୍ୟାଳୟକୁ ଏବେ ୫୦ କି.ମି. ଦୂରକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ବିରୋଧରେ ଶୁକ୍ରବାର କାଶୀପୁର ବ୍ଲକର ଶତାଧିକ ଲୋକ, ରାଜନେତାଙ୍କ ସମେତ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଏକାଠି ହୋଇ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। କାଶୀପୁର ବ୍ଲକ କାର୍ଯ୍ୟାଳୟରେ ଏବିଡିଓ ପଦ୍ମିନୀ କହଁରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ।

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପର୍ଯ୍ୟବେକ୍ଷକ ଦଳ ଓ ସ୍ଥାନୀୟ ତହସିଲଦାର ମିଳିତଭାବେ କାଶୀପୁରସ୍ଥ ନୋକଟି ଘାଟି ମନ୍ଦିର ନିକଟରେ ଥିବା ସରକାରୀ ଜାଗା ସ୍କୁଲ ପାଇଁ ଚିହ୍ନଟ କରିଥିଲେ। ଏହା ସତ୍ତ୍ୱେ ବିଦ୍ୟାଳୟଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଏହାକୁ ଅଞ୍ଚଳବାସୀ ବିରୋଧ କରୁଛନ୍ତି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। କାଶୀପୁର ସଦରରେ ସ୍କୁଲ କରା ନ ଗଲେ ଅଞ୍ଚଳବାସୀ ସରକାର ଓ ପ୍ରଶାସନ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ପ୍ରଶାସନ ଓ ରାଜନେତାଙ୍କ ଦୁର୍ବଳତା ଏବଂ ମନମୁଖି କାର୍ଯ୍ୟ ବର୍ତ୍ତମାନ ଲୋକଲୋଚନକୁ ଆସିବାରେ ଲାଗିଛି। ହଜାର ହଜାର ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ପ୍ରତିବାଦ ଓ ଦାବିପତ୍ର ପ୍ରଦାନ ବେଳେ ତଳଝିରି ପଞ୍ଚାୟତର ହିଂଦା ମାଝି, ଜୟ ସିଂ ମାଝି, ମୁନୁଷଗାଁ ପଞ୍ଚାୟତର ଜୟ ମାଝି, ଖୁରିଗାଁ ପଞ୍ଚାୟତର ସାମାଜିକ କର୍ମୀ ବିଶ୍ୱମ୍ଭର ନାଏକ, କାଶୀପୁର ପଞ୍ଚାୟତର ପାଇଲ ମାଝି, ମହେଶ୍ୱର ମାଝି, ପୁରନ୍ଦର ନାଏକ, ଜଗବନ୍ଧୁ ନାଏକ, ମିଥୁନ ନାଏକ, ଭାଲୁ ବୈଦ୍ୟଙ୍କ ସହ ୧୬ ପଞ୍ଚାୟତର ଲୋକ ଉପସ୍ଥିତ ଥିଲେ।

# ଉମରକୋଟରେ ପୁଣି ୨ ସାହି ମଧ୍ୟରେ ଉତ୍ତେଜନା


ଡିଏନ୍‌କେ ଛକଠାରେ ପୋଲିସ ଓ ଉଭୟ ଗୋଷ୍ଠୀର ଲୋକେ ।

**ଉଭୟ ଗୋଷ୍ଠୀ ପରସ୍ପରକୁ ଫୋପାଡିଲେ ଢେଲା, ପଥର ପୋଲିସ ଆହତ, ଲାଠି ଚାଳନା**

ଉମରକୋଟ,୩୦।୧୨(ସ୍ୱ.ପ୍ର.)

ଗତ ୩ ଦିନ ଧରି ନବରଙ୍ଗପୁର ଜିଲା ଉମରକୋଟ ସହରରେ କେନାଲ ସାହି ଓ ଡିଏନକେ ୧୨ ନମ୍ବର ୱାର୍ଡରେ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲାଗି ରହିଥିବା ବିବାଦ ଶୁକ୍ରବାର ଉଗ୍ରରୂପ ଧାରଣ କରିଛି। ଉଭୟପକ୍ଷ ପରସ୍ପର ଉପରକୁ ଢେଲା, ପଥର ମାଡ଼ କରିଛନ୍ତି। ସେମାନଙ୍କୁ ହଟାଇବାକୁ ଯାଇ ପଥରମାଡ଼ରେ କେତେକ ପୋଲିସ ଆହତ ହୋଇଛନ୍ତି। ପରିସ୍ଥିତିକୁ ଦେଖି ଶେଷରେ ପୋଲିସକୁ ମୃଦ୍ଧ୍ୟ ଲାଠିଚାଳନା କରିବାକୁ ପଡିଥିଲା।

ଖବରରୁ ଜଣାପଡିଛି, ପୂର୍ବ ଶତ୍ରୁତାକୁ ନେଇ ଗୁରୁବାର କେନାଲ ସାହିର ଶତାଧିକ ମହିଳା, ଯୁବକ ୧୨ ନମ୍ବର ୱାର୍ଡର ବସ୍ତି ବାସିନ୍ଦାଙ୍କ ସାହି ଆଡକୁ ଅଗ୍ରସର ହେଉଥିବା ବେଳେ ପୋଲିସ ପହଞ୍ଚି ସମସ୍ତଙ୍କୁ ଘଉଡାଇ ଦେଇଥିଲା। ଫଳରେ ଏକ ଆସନ୍ନ ଗଣ୍ଡଗୋଳ ଟଳିଯାଇଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ପୁଣି ଏହି ୨ ସାହି ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି। ଶତାଧିକ କେନାଲ ସାହିର ଲୋକେ ଡିଏନକେ ଛକଠାରେ ଏକାଠି ହେବା ମାତ୍ରେ ୨ ସାହିର ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ପରସ୍ପର ପରସ୍ପର ଉପରକୁ ଢେଲା ମାଡ କରିଥିଲେ। ଘଟଣା ସ୍ଥଳରେ ଉପସ୍ଥିତ ଥିବା ପୋଲିସ ଉପରକୁ ପଥର ମାଡ ହେବାରୁ କେତେ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବା ଉମରକୋଟ ଆଇଆଇସି ଦୀପକ ଜେନା କହିଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ ରେ ରଖିବା ଲାଗି ପୋଲିସ ଘଟଣା ସ୍ଥଳରେ ମୃଦ୍ଧ୍ୟ ଲାଠି ଚାଳନା କରିଥିଲା। ଖବର ଲେଖା ହେବା ବେଳେକୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଡିଏନକେ ଛକରେ ପୋଲିସ ମୁତୟନ ହୋଇଛନ୍ତି। ସାରା ସହର ଉପରେ କଡ଼ା ନଜର ରଖାଯାଇଛି। ଘଟଣାକୁ ନେଇ ଦୁଇ ଗୋଷ୍ଠୀଙ୍କ ବିରୋଧରେ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଏହାର ନଂ.୪୫୨/୨୨। ଶନିବାର ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡକାଯାଇ ଶାନ୍ତି କମିଟି ମାଧ୍ୟମରେ ଘଟଣାର ସମାଧାନ କରାଯିବ ବୋଲି ଥାନା ଅଧିକାରୀ ଜେନା କହିଛନ୍ତି।

# ପ୍ରତି ଶୁକ୍ରବାର ହେବ ଧାନକିଣା


ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି, ମିଲର୍ସ ଓ ଚାଷୀ।

**କୁମୁଡ଼ାବାଲିରେ ଖରିଫ ଧାନମଣ୍ଡି ଉଦ୍‌ଘାଟିତ**

ମୁନିଗୁଡ଼ା, ୩୦।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା କୁମୁଡ଼ାବାଲି କୁମ୍ଭାରସାହିରେ ଚଳିତ ବର୍ଷର ଧାନକ୍ରୟ ନିମନ୍ତେ ସରକାରଙ୍କ ପକ୍ଷରୁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ରଞ୍ଜନ ମହାକୁଡ଼ଙ୍କ ନେତୃତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼ ଯୋଗଦେଇଥିଲେ। ଲ୍ୟାମ୍ପସ ସଭାପତି ମୀନକେତନ ସାରକା, ଗୁଣପୁର ଆର୍‌ଏମ୍‌ସିରୁ ବିଜୟ କୁମାର ମହାନ୍ତି, କୈଳାସ ଚନ୍ଦ୍ର ବାରିକ, ଉଦୟ କୁମାର ତ୍ରିପାଠୀ ଓ ମନୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୂଜାର୍ଚ୍ଚନା ସହ ଆନୁଷ୍ଠାନିକ ଭାବେ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ମଣ୍ଡି କିପରି ସୁରୁଖୁରୁରେ ଚାଲିପାରିବ,ଚାଷୀମାନେ କିପରି ସେମାନଙ୍କ ଧାନକୁ ସୁବିଧାରେ ବିକ୍ରି କରିପାରିବେ ତାହା ଉପରେ ତହସିଲଦାର ଓ ଲ୍ୟାମ୍ପସ ସଭାପତି ଗୁରୁତ୍ୱ ଦେଇଥିଲେ। ଚାଷୀଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ତହସିଲଦାର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କୁମୁଡ଼ାବାଲିର ମଣ୍ଡି ପ୍ରତି ଶୁକ୍ରବାର ଖୋଲିବ। ଏହି କାର୍ଯ୍ୟକ୍ରମରେ ମିଲର ଜି.ମଲ୍ଲିକାର୍ଜୁନ ରାଓ, ପି.ଆନନ୍ଦ କୁମାର, ବିନୋଦ ଜୈନ, ତରଣୀସେନ ପାତ୍ର, ଅନୀଲ ପାତ୍ରଙ୍କ ସହିତ ଚାଷୀ ଲାଡିଶଙ୍କର ରାଓ, ଟଙ୍ଗଧର ଗାଯିବାଲି, ସୁଦର୍ଶନ କାଶୀ, ଯଦୁ କାଶୀ, ପ୍ରସାଦ ମହାକୁଡ଼, ଉଦ୍ଧବ ଗୌଡ଼, ସାନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଯୌତୁକ ଜିନିଷ ନେବାକୁ ଆସି ସ୍ୱାମୀଘରେ ମହିଳା ହଟହଟା

ଉମରକୋଟ, ୩୦।୧୨(ସ୍ୱ.ପ୍ର.)

ଶାଶୁ ଘରକୁ ଯୌତୁକ ଜିନିଷ ନେବାକୁ ଆସିଥିଲେ ଜଣେ ମହିଳା। ଏହି ସମୟରେ ତାଙ୍କୁ ହଟହଟା ହେବାକୁ ପଡିଛି। ଏପରି ଘଟଣା ନବରଙ୍ଗପୁର ଜିଲା ଉମରକୋଟ ସହର ୧୩ ନଂ ୱାର୍ଡ ଡିଏନ୍‌କେ ସାହିରେ ଶୁକ୍ରବାର ଦେଖିବାକୁ ମିଳିଛି। ଝରିଗାଁର ଅଞ୍ଜଳି ନାୟକ ୭ମାସ ତଳେ ଉମରକୋଟ ୧୩ ନମ୍ବର ୱାର୍ଡ ସୁନୀଲ ପ୍ରଧାନଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ସ୍ତ୍ରୀ ମନ ମାଳିନ ଯୋଗୁ ଅଞ୍ଜଳି ୩ ମାସ ତଳେ ବାପଘର ଯାଇ ଝରିଗାଁ ଥାନାରେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ନିର୍ଯାତନା ଦେଉଥିବା ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହା ଉପରେ କେସ ରୁଜୁ କରିଛି। ଶୁକ୍ରବାର ଅଞ୍ଜଳୀ ମା, ବାପା, ଭାଇ ପରିବାର ଲୋକଙ୍କୁ ଓ ଝରିଗାଁ ପୋଲିସ ସହାୟତାରେ ଜିନିଷ ପତ୍ର ନେବାପାଇଁ ଉମରକୋଟ ଆସିଥିଲେ। ଯୁବତୀଙ୍କ ଶାଶୁ ଜିନିଷସବୁ ଦେଇ ଦେଇଥିଲେ। କିନ୍ତୁ ବଦଳରେ ବିବାହ ସମୟରେ ବୋହୂକୁ ଦେଇଥିବା ଜିନିଷ ମାଗିଥିଲେ। ଜିନିଷଗୁଡ଼ିକ ଥାନାରେ ଦେଇ ଦେବି ବୋଲି ଅଞ୍ଜଳି କହିଥିଲେ। ଜିନିଷ ନ ଦେଲେ ଗାଡ଼ି ଛାଡ଼ିବି ନାହିଁ ବୋଲି କହି ଜିନିଷ ଭରା ଗାଡି ଆଗରେ ବସି ରହିଲେ ଅଞ୍ଜଳିଙ୍କ ଶାଶୁ। ପୋଲିସ ଯେତେ ବୁଝାଇଲେ ମଧ ସେ ଶୁଣି ନ ଥିଲେ। ପୋଲିସ ବୁଝାଶୁଝା କରି ଲେଖା ପଢ଼ା କରାଇବା ପରେ ଜିନିଷ ବୋଝେଇ ଗାଡ଼ି ବାହରିଥିଲା।

# ୨୪ ଶିକ୍ଷକ ବହିଷ୍କୃତ, ଜଣେ ଛାଡିଲେ ଚାକିରି

**୨୦୧୦-୨୦୨୨ ମଧ୍ୟରେ ଲମ୍ବା ଛୁଟିରେ ୩୧ ଶିକ୍ଷକ**

ନବରଙ୍ଗପୁର,୩୦।୧୨(ବି.ପ୍ର.)

ନବରଙ୍ଗପୁର ଜିଲାରେ ଲମ୍ବା ଛୁଟିରେ ଥିବା ଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି ଜିଲା ପ୍ରଶାସନ। ଲମ୍ବା ଛୁଟରେ ଥିବା ୩୧ଜଣ ଶିକ୍ଷକଙ୍କ ମଧ୍ୟରୁ ୨୭ ତାରିଖରେ ଜିଲାପାଳ ୨୪ ଜଣଙ୍କୁ ବହିଷ୍କୃତ କରିଛନ୍ତି। ଏଥିସହ ଜଣେ ଶିକ୍ଷକ ଚାକିରି ଛାଡ଼ିଥିବା ଜଣାପଡିଛି।

ଲମ୍ବାଛୁଟିରେ ଥିବା ଶିକ୍ଷକଙ୍କ ତାଲିକା ଗଣଶିକ୍ଷା ବିଭାଗକୁ ଜିଲା ଶିକ୍ଷା ଅଧିକାରୀ ପଠାଇଥିଲେ। ଯାହାରକି ତାଳ ମେଳ ଖାଉ ନଥିଲା । ତେବେ ଗଣ ଶିକ୍ଷା ବିଭାଗ ଚିଠି ନମ୍ବର ୨୧୯୬୩/୨୦୧୮ ଅକ୍ଟୋବର ୩ ଓ ୨୦୧୯ ଜାନୁୟାରୀ ୫ ତାରିଖ ଚିଠି ନମ୍ବର ୪୪୪ ଅନୁଯାଇ ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଜିଲାର ୧୦ ବିଇଓ ୨୦୨୨ ଜୁଲାଇ ୨୦ ତାରିଖରେ ଲମ୍ବାଛୁଟିରେ ଥିବା ଶିକ୍ଷକଙ୍କ ତାଲିକା ମଗାଯାଇଥିଲା। ବିଇଓମାନେ ଜିଲାରେ ୩୧ ଜଣ ଗଣ ଶିକ୍ଷକ, ଠିକା ଭିତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକ ୨୦୧୦ରୁ ୨୦୨୨ ମଧ୍ୟରେ ଲମ୍ବା ଛୁଟିରେ ଥିବା ଦର୍ଶାଇଥିଲେ। ଏହାକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨ ଡିସେମ୍ବର ୨୦୨୨ରେ ସମ୍ପୃକ୍ତ ଶିକ୍ଷକମାନଙ୍କୁ ୭ ଦିନ ମଧ୍ୟରେ କଣ ପାଇଁ ଛୁଟିରେ ରହିଛନ୍ତି ସେନେଇ କୈଫତ ମଗାଯାଇଥିଲା। ୬ ଜଣ ଶିକ୍ଷକ କୈଫତର ଉତ୍ତର ଦେଇଥିଲେ। କୋଷାଗୁମୁଡା ବ୍ଲକର ଶିକ୍ଷକ ଅମୀୟ କୁମାର ଦାଶ ୨୦୨୨ ଅଗଷ୍ଟ ୮ରେ ଚାକିରି ଛାଡିଦେଇଥିବା ଜଣାପଡିଛି। ତେବେ ଅନ୍ୟ ୨୪ ଜଣ ୧୫ ଦିନ ବିତି ଯାଇଥିଲେ ମଧ କୈଫତର କୌଣସି ଉତର ରଖିନ ଥିଲେ। ଏନେଇ ଜିଲାପାଳ ୨୦୨୨ ଡିସେମ୍ବର ୨୭ରେ ୨୪ ଜଣ ଗଣ ଶିକ୍ଷକ, ଠିକା ଭିତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କୁ ବହିଷ୍କୃତ କରିଛନ୍ତି। ବିଇଓଙ୍କୁ ବହିଷ୍କୃତ ନୋଟିସ ସମ୍ପୃକ୍ତ ଶିକ୍ଷକଙ୍କୁ ପ୍ରେରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଜ୍ୟ ଗଣ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ନଭେମ୍ବର ମାସରେ ଚିଠି ନମ୍ବର ୨୩୫୦୭ ମାଧ୍ୟମରେ ଶିକ୍ଷକଙ୍କ ଲମ୍ବାଛୁଟି ଶିକ୍ଷକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଜିଲା ଶିକ୍ଷା ଅଧିକାରୀଙ୍କୁ ମାଗିଥିଲେ। ସେଥିରେ ୧୭ ଜଣ ଲମ୍ବାଛୁଟିରେ ରହିଥିବା ଓ ୭ ଜଣଙ୍କୁ ବହିସ୍କୃତ କରାଯାଇଥିବା ରିପୋର୍ଟ ଡିଇଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଅସମ୍ପୂର୍ଣ୍ଣ ବୋଲି ଚିଠି ନମ୍ବର ୨୫୨୧୭ ମାଧ୍ୟମ ପୁଣିଥରେ ଗଣ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ ପାଇଁ ଫର୍ମାଟ କରି ପଠାଇଲେ। ଦ୍ୱିତୀୟ ରିପୋର୍ଟ ପ୍ରଦାନରେ ମଧ ଡିଇଓ ୧୭ ଜଣ ଶିକ୍ଷକ ଲମ୍ବାଛୁଟିରେ ଜଣେ ବହୁସ୍କୃତ ରିପୋର୍ଟ ପ୍ରଦାନ କଲେ। ଏବେ ୩୧ ଜଣ ଶିକ୍ଷକ ଲମ୍ବାଛୁଟିରେ। ସେଥିମଧ୍ୟରୁ ୬ ଜଣ କୈଫତର ଉତର ରଖିଲେ । ଜଣେ ଚାକିରି ଛାଡିଛନ୍ତି। ୨୪ ଜଣଙ୍କୁ ଜିଲାପାଳ ବହିସ୍କୃତ କରିଛନ୍ତି।

## ଗୁଣପୁରରେ ନୂତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ



ଗୁଣପୁର,୩୦।୧୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସଦର ମହକୁମାର ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଧନଞ୍ଜୟ ବେହେରା ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ପୂର୍ବରୁ ସେ ଗୁଣପୁର ସୂଚନା କେନ୍ଦ୍ରର ଗ୍ରନ୍ଥାଗାରିକ ଭାବେ ଦାୟିତ୍ୱ ତୁଲାଉଥିଲେ ।ରାଜ୍ୟ ସରକାର ବେହେରାଙ୍କୁ ପଦୋନ୍ନତି ଦେଇ ଗୁଣପୁର ଲୋକ ସମ୍ପର୍କ ଅଧିକାରୀ ଭାବେ ଅବସ୍ଥାପିତ କରିଛନ୍ତି। ପ୍ରଶାସନ ଓ ଖବରଦାତାଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ପ୍ରାଥମିକତା ଦେବେ ବୋଲି କାର୍ଯ୍ୟରେ ଯୋଗ ଦେବା ଅବସରରେ ସେ କହିଛନ୍ତି।

# ଝାରସୁଗୁଡ଼ା ଚାମ୍ପିୟନ



ବିଜୟୀ ଟିମ୍

**ଉମରକୋଟ ପ୍ରିମିୟର ଲିଗ ଫାଇନାଲ**

ଉମରକୋଟ, ୩୦।୧୨(ସ୍ୱ.ପ୍ର.)

ଉମରକୋଟ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ଉମରକୋଟ ବଜରଙ୍ଗୀ ୧୧ ଦଳକୁ ଝାରସୁଗୁଡ଼ା ଲିଟିଲ ଷ୍ଟାର ଦଳ ୨୫ ରନରେ ପରାସ୍ତ କରି ଟ୍ରଫି ହାସଲ କରିଛି। ପ୍ରଥମେ ଟସ୍ ଜିତି ଝାରସୁଗୁଡ଼ା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୭୬ ରନ କରିଥିଲା। ଝାରସୁଗୁଡ଼ାର ସେଣ୍ଡି ନାୟକ ୪୩ ବଲରେ ୬୪ ରନ କରିଥିଲା। ଜବାବରେ ଉମରକୋଟ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୫୧ ରନ କରିଥିଲା। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ବିଜୟୀ ଦଳ କୁ ଟ୍ରଫି ସହ ୬୬,୬୬୬ ଟଙ୍କା ପ୍ରଦାନ କରିଥିଲେ। ଓଲିଉଡ୍ ଅଭିନେତ୍ରୀ ତମାନ୍ନା ବ୍ୟାସ ମଧ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଆଜିର ଖେଳରେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ଜିଲାର ବରିଷ୍ଠ ବିଜେଡ଼ି ନେତା ତଥା ନବରଙ୍ଗପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ ଯୋଗଦେଇଥିଲେ। ସେ ଉମରକୋଟ ଦଳକୁ ୪୪,୪୪୪ ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ଝାରସୁଗୁଡ଼ାର ବିନୟ ଚରଣଙ୍କୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ରମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବରିଷ୍ଠ ବିଜେଡ଼ି ନେତା ପ୍ରକାଶ ମହାନ୍ତି, ତନ୍ମୟ ନାୟକ, ହରିହର ରାଉତ, ଅର୍ଜୁନ ତ୍ରିପାଠୀ, ଦେବାଶିଷ ପାତ୍ର, ରାଧା ଭଦ୍ରା, ସୁଧାଂଶୁ ଦାସ ଏବଂ ଜିଲାର ଅନ୍ୟ ପ୍ରମୁଖ ବିଜେଡି ନେତା ଉପସ୍ଥିତ ଥିଲେ। ପ୍ରମୋଦ ପାଢୀ ମଞ୍ଚ ପରିଚାଳନା କରିଥିଲେ।

# କୁକୁଡା ଗାଲି ଚଢାଉ ବେଳେ ପୋଲିସ ଉପରେ ଆକ୍ରମଣ

କୋଡିଙ୍ଗା,୩୦।୧୨(ଡି.ଏନ.ଏ.)

କୁକୁଡା ଗାଲି ଉପରେ ଚଢାଉ କରି ଶୁକ୍ରବାର କୋଡ଼ିଙ୍ଗା ପୋଲିସ ଆକ୍ରୋଶର ଶିକାର ହୋଇଛି। ଚଢାଉ ସମୟରେ କୁକୁଡା ଗାଲିଖେଳୁଥିବା ବ୍ୟକ୍ତିଙ୍କ ପଥର ମାଡ଼ରେ ପୋଲିସ ଗାଡିର କାଚ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଜଣେ ହୋମଗାର୍ଡଙ୍କ ମୁଣ୍ଡଫାଟି ଆହତ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାଇ କୋଡିଙ୍ଗା ଥାନା ଅନ୍ତର୍ଗତ ତାରାଗାଁ ନିକଟ ବେହେରାଗୁଡାଠାରେ କୁକୁଡା ଗାଲି ଚାଲିଥିବା ପୋଲିସ ସୂଚନା ପାଇଥିଲା ଅପରାହ୍ନ ସାଢେ ୫ଟା ସମୟରେ ପୋଲିସ କୁକୁଡା ଗାଲିରେ ଚଢାଉ କରିଥିଲା । ଉକ୍ତ ସମୟରେ କୁକୁଡା ଗାଲିରେ ଥିବା ଲୋକେ ଟେକା ପଥର ପୋଲିସ ଉପରକୁ ଫିଙ୍ଗିଥିଲେ ଟେକା ପଥର ବାଜି ପୋଲିସ ଗାଡିର କାଚ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଜଣେ ହୋମଗାର୍ଡଙ୍କ ମୁଣ୍ଡଫାଟି ଆହତ ହୋଇଥିବା ସୂଚନା ମିଳିଛି। ପାପଡାହାଣ୍ଡି ଏସଡିପିଓ ଆଦିତ୍ୟ ସେନଙ୍କୁ ପଚାରିବାରୁ ଏ ନେଇ ଏକ କେଶ ରୁଜୁ କରାଯାଇଛି ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ସମ୍ବଲପୁର ଏମ୍‌ଏମ୍‌ସିସି ବଂଶଧାରା କପ୍ ଚାମ୍ପିୟନ

ଗୁଣପୁର,୩୦।୧୨(ଡି.ଏନ୍.ଏ.)

ଗୁଣପୁରରେ ଚାଲିଥିବା ବଂଶଧାରା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ହୋଇଛି ସମ୍ବଲପୁର ଏମ୍‌ଏମ୍‌ସିସି ଦଳ। ଫାଇନାଲ ମ୍ୟାଚରେ ବାଲେଶ୍ୱର ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ସମ୍ବଲପୁର ଟିମ୍ ୮୪ ରନରେ ଜିତ ବଂଶଧାରା କପ ହାସଲ କରିଛି ।

ଟସ୍ ଜିତି ସମ୍ବଲପୁର ବ୍ୟାଟିଂ ଆରମ୍ଭ କରି ୨୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୋସନ ମହାପାତ୍ର ୪୨ ବଲରେ ୪୭ ରନ, ବିନୟ ରାଉତ ୩୫ ବଲରେ ୩୬ ଓ ଅଭିନବ ନନ୍ଦ ୨୭ ବଲରେ ୨୪ ରନ କରିଥିଲେ। ପ୍ରତିପକ୍ଷ ବାଲେଶ୍ୱର ଦଳର ସୁକାନ୍ତ ମହାପାତ୍ର ୫.୩ ଓଭରରେ ୩୮ ରନ ଦେଇ ୨ ଟି, ରାଜୀବ ସାହୁ୨ ଓଭରରେ ୫ ରନ ଦେଇ ୨ଟି ଓ ବିଶାଲ ଦାସ ୨ ଓଭରରେ ୮ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ବାଲେଶ୍ୱର ଦଳ ୨୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ପ୍ରଧାନ ୧୪ ବଲରେ ୧୯, ଚିନାରାଜୁ ୧୨ ବଲରେ ୧୪ ଓ ବିଶାଲ ଦାସ ୩୭ ବଲରେ୧୪ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ସମ୍ବଲପୁର ଦଳର ସାୟାଦ ଜାକି ୫.୩ ଓଭର ବୋଲିଂ କରି ୨୪ ରନ ଦେଇ ୪ ଉଇକେଟ, ଅନୁପମ ମିଶ୍ର ୬ ଓଭରରେ ୧୭ ରନ ଦେଇ ୨ ଓ ଆଶିଷ ମିତ୍ର ୫ ଓଭରରେ ୨୩ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ସାୟାଦ ଜାକିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଅମ୍ପାୟାର ଭାବେ ସାରଦା ପ୍ରସନ୍ନ ମହାପାତ୍ର, ସପନ ଦାସ ଓ ସ୍କୋରର ଭାବେ ସୁରେଶ ଦାସ, କିରଣ ପାଣିଗ୍ରାହୀ, ସନ୍ଦିପ ପାଣିଗ୍ରାହୀ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ଜିଆଇଇଟି ବିଶ୍ୱବିଦ୍ୟାଳୟର ସେକ୍ରେଟାରୀ ଜେନେରାଲ ଡଃ ଜଗଦୀଶ ପଣ୍ଡା, ବରିଷ୍ଠ ଆଇନଜୀବୀ ଫଣୀଭୂଷଣ ପଟ୍ଟନାୟକ, ଅକ୍ଷୟ ଶତପଥୀ, ନବ ନିର୍ମାଣ ସମିତି ସଭାପତିଅକ୍ଷୟ ଦାସ ଓ ସମ୍ପାଦକ ମିଳିପାଡ଼ି, କ୍ରୀଡ଼ା ପରିଷଦ ସଭାପତି ଦେବ ପ୍ରସାଦ ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଖେଳ ପଡିଆରେ ଦର୍ଶକଙ୍କ ଭିଡ ଜମିଥିବା ବେଳେ ବାଦ୍ୟ ବାଜଣା ସହ କିନ୍ନର ନାଚ ସାଙ୍ଗକୁ ଖେଳାଳି ମାନଙ୍କ ଛକା ଚୌକା ରେ ଦର୍ଶକ ମାନଙ୍କ ଆର୍ଥିକ ପୁରସ୍କାର ଘୋଷଣା ସେମାନଙ୍କୁ ଅଧିକା ଉତ୍ସାହିତ କରିଥିଲା।


ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ଦଳ ଏମ୍‌ଏମ୍‌ସିସି ଦଳ।

# ରାୟଗଡ଼ାରେ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ


ହକି ବିଶ୍ୱକପ୍ ସହ ଅତିଥିମାନେ।


ବିଶ୍ୱକପ୍ ସ୍ୱାଗତ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାୟଗଡା ଅଫିସ,୩୦।୧୨

ଏଫ.ଆଇ.ଏଚ.ପୁରୁଷ ହକି ବିଶ୍ୱ କପର ଟ୍ରଫିକୁ ଶୁକ୍ରବାର ରାୟଗଡାଠାରେ ସ୍ୱାଗତ କରାଯାଇଛି। ଏହାପରେ ଏହି ଟ୍ରଫି ସହର ପରିକ୍ରମା କରିଥିଲା। ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଏହି ଟ୍ରଫି ଗୁଣପୁରରୁ ରାୟଗଡାକୁ ଆସିଥିଲା। ଶୁକ୍ରବାର ସକାଳ ୭ଟାରେ ସ୍ଥାନୀୟ ସର୍କିଟ ହାଉସରୁ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଏକ ବିଶାଳ ଶୋଭାଯାତ୍ରାରେ ଟ୍ରଫିକୁ ପାରିମ୍ପରିକ ନାଚ,ସଙ୍ଗୀତ ଓ ବାଦ୍ୟର ତାଳେ ତାଳେ ସଭାସ୍ଥଳକୁ ନିଆଯାଇଥିଲା। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ତଥା ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୁୟା ମାଝି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାଶ, ଜିଲାପାଳ ସ୍ୱଧାଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଧର୍ମାନନ୍ଦ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ତହସିଲଦାର ତାପସ ରାଉତ, ଜିଲା କ୍ରୀଡାଧିକାରୀ ଶେଖ୍ ଅଲିନୁର, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, ଟ୍ରଫି ପରିକ୍ରମା ଦାୟିତ୍ୱ ଅଧିକାରୀ ବାଦଲ ମହାନ୍ତିଙ୍କ ସମେତ ଜନ ପ୍ରତିନିଧି,କ୍ରୀଡା ପ୍ରେମୀ, କଲେଜ ଛାତ୍ରୀ ଛାତ୍ର,ଏନସିସି କ୍ୟାଡେଟଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ। ଜିସିଡି ହାଇସ୍କୁଲ ପଡିଆରେ ଦୀପ ପ୍ରଜ୍ୱଳନ ପୂର୍ବକ ହକି ବିଶ୍ୱ କପ୍ ଟ୍ରଫିକୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ ପରେ ମା ମଝିଘରିଆଣୀ ମନ୍ଦିରକୁ ଟ୍ରଫିକୁ ନିଆଯିବା ପରେ ସେଠାରୁ ଟ୍ରଫି ଟିମ୍ କୋରାପୁଟ ଅଭିମୁଖେ ବାହାରିଥିବା ଜିଲାପାଳ ସିଂ କହିଛନ୍ତି।

